ସୀଲନ ରାଜ ଓ ଅନ୍ୟମାନେ

ବନାମ

ପିଠାସୀନ ଅଧିକାରୀ, ପ୍ରଥମ ଅତିରିକ୍ତ ଶ୍ରମ ନ୍ୟାୟାଳୟ, ଚେନ୍ନାଇ ଓ ଅନ୍ୟମାନେ

ମାର୍ଚ୍ଚ 16, 2001

[ଏସ୍. ରାଜେନ୍ଦ୍ର ବାବୁ ଓ ୱାଇ. କେ. ସଭରୱାଲ, ନ୍ୟାୟମୂର୍ତ୍ତି ବୃନ୍ଦ]

*କାରଖାନା ଅଧିନିୟମ, 1948 : ଧାରା 2 (k) ଏବଂ ଧାରା 2 (m), ବ୍ୟାଖ୍ୟା II / ଶିଳ୍ପ ବିବାଦ ଅଧିନିୟମ, 1947 : ଧାରା 2 (a), 25L, 25FFA ଏବଂ 25O /*

*କାରଖାନା — ଉତ୍ପାଦନ ପ୍ରକ୍ରିୟା — କ'ଣ — କମ୍ପାନୀ — କମ୍ପ୍ୟୁଟର ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ଗଠିତ — ତଥ୍ୟ ପ୍ରକ୍ରିୟାକରଣ ବିଭାଗ ସ୍ଥାପନ — ଉକ୍ତ ତଥ୍ୟ ପ୍ରକ୍ରିୟାକରଣ ବିଭାଗ ପରବର୍ତ୍ତୀକାଳରେ ଅକାର୍ଯ୍ୟକାରୀ ହୋଇପଡ଼ିଲା — ଉକ୍ତ ବିଭାଗ ବନ୍ଦ — ଧାରା 25FFA ଅନୁସାରେ ରାଜ୍ୟ ସରକାରଙ୍କୁ ସୂଚନା ପ୍ରେରଣ କରାଗଲା — ବନ୍ଦ ହେବା କାରଣରୁ ଶ୍ରମିକମାନଙ୍କ ସେବା ସମାପ୍ତ — ଶିଳ୍ପ ବିବାଦ — ଶ୍ରମ ନ୍ୟାୟାଳୟ ଶ୍ରମିକମାନଙ୍କ ପୁନର୍ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଲେ ଏବଂ ଦ୍ୱିତୀୟ ଉତ୍ତରଦାତାଙ୍କ ସଂସ୍ଥାକୁ କାରଖାନା ବୋଲି ଧାରଣ କଲେ — ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ଶ୍ରମ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ରାୟକୁ ବାତିଲ କଲେ — ସେ ଧାରଣ କଲେ ଯେ କେବଳ ଇଲେକ୍ଟ୍ରୋନିକ ତଥ୍ୟ ପ୍ରକ୍ରିୟାକରଣ ଏକକ କିମ୍ବା କମ୍ପ୍ୟୁଟର ଏକକ ଭାବେ କାର୍ଯ୍ୟରତ ଏକ ସଂସ୍ଥା, ଯଦିଓ କାରଖାନା ହୋଇପାରେ, କିନ୍ତୁ ବ୍ୟାଖ୍ୟା II ଅନୁସାରେ ଶ୍ରମ ଆଇନର ପ୍ରୟୋଗରୁ ବାଦ୍ ହେବ ଏବଂ ଏହିପରି ସଂସ୍ଥାକୁ କାରଖାନା ବୋଲି ଧରାଯିବ ନାହିଁ — ଦୁଇଜଣିଆ ଖଣ୍ଡପୀଠ ଧାରଣ କଲେ ଯେ କୌଣସି ପରିସର କିମ୍ବା ତାହାର ଅଂଶରେ ସ୍ଥାପିତ ଇଲେକ୍ଟ୍ରୋନିକ ତଥ୍ୟ ପ୍ରକ୍ରିୟାକରଣ ଏକକ କିମ୍ବା କମ୍ପ୍ୟୁଟର ଏକକ ଏବଂ ଏହା ସମ୍ବନ୍ଧୀୟ କାର୍ଯ୍ୟକଳାପ, ଯଦିଓ ଉତ୍ପାଦନ ପ୍ରକ୍ରିୟା ହୋଇପାରେ ଏବଂ ଅଧିନିୟମର ଧାରା 2 (m) ଅନୁଯାୟୀ "କାରଖାନା" ଶବ୍ଦର ସୀମାରେ ଆସିପାରେ, ତଥାପି ବ୍ୟାଖ୍ୟା II ଦ୍ୱାରା ସେହି ସୀମାରୁ ବାହାରିଯିବ — ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ — ପ୍ରଶ୍ନ ଯେ ଦ୍ୱିତୀୟ ଉତ୍ତରଦାତାଙ୍କ ଦ୍ୱାରା କରାଯାଉଥିବା ତଥ୍ୟ ପ୍ରକ୍ରିୟାକରଣ ଏବଂ ସଫ୍ଟୱେର ପ୍ରସ୍ତୁତି ସମ୍ବନ୍ଧୀୟ କାର୍ଯ୍ୟକଳାପ ଉତ୍ପାଦନ ପ୍ରକ୍ରିୟା ଭାବେ ଗଣ୍ୟ ହେବ କି ନାହିଁ — ବିଷୟଟିକୁ ବୃହତ ଖଣ୍ଡପୀଠଙ୍କ ନିକଟକୁ ପ୍ରେରଣ କରାଗଲା ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାରିତା : 1998 ର ଦେୱାନୀ ଆବେଦନ ସଂଖ୍ୟା 1300-1301

ମଦ୍ରାସ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଡବ୍ଲ୍ୟୁ. ଏ. ସଂଖ୍ୟା 806/95 ଏବଂ 117/1997 ମାମଲାରେ 14.8.1997 ତାରିଖରେ ପ୍ରଦତ୍ତ ରାୟ ଏବଂ ଆଦେଶରୁ ।

ଏସ୍. ମୁରଳୀଧର, ଭି. ବାଲାଜୀ, ରବି, ଏ.ଟି.ଏମ୍. ସମ୍ପଥ ଏବଂ ହରି ଶଙ୍କର କେ. ଉପସ୍ଥିତ ପକ୍ଷମାନଙ୍କ ପକ୍ଷରେ ଉପସ୍ଥିତ ହେଲେ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

**ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତି** — ବର୍ତ୍ତମାନ ବିବାଦକୁ ଉଦ୍ଭବ କରାଇଥିବା ଏହି ମାମଲାର ପ୍ରମୁଖ ତଥ୍ୟଗୁଡ଼ିକ ସଂକ୍ଷେପରେ ନିମ୍ନପ୍ରକାର :

ଉତ୍ତରଦାତା କମ୍ପାନୀ [ଏଠାରେ ଉତ୍ତରଦାତା ସଂଖ୍ୟା 2] 1982 ମସିହାରେ ଗ୍ରାହକମାନଙ୍କୁ କମ୍ପ୍ୟୁଟର ସେବା ପ୍ରଦାନ କରିବା, ସୂଚନା ସଂଗ୍ରହ ଏବଂ ସଂରକ୍ଷଣ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ କରିବା ଏବଂ ଗ୍ରାହକମାନଙ୍କ ବିଶେଷ ଆବଶ୍ୟକତା ଅନୁଯାୟୀ କମ୍ପାନୀ ସଫ୍ଟୱେର ଆବେଦନ ବିକାଶ କରିବା ଉଦ୍ଦେଶ୍ୟରେ ଗଠିତ ହୋଇଥିଲା। ମାର୍ଚ୍ଚ 1983 ରେ ଦ୍ୱିତୀୟ ଉତ୍ତରଦାତା ଏକ ତଥ୍ୟ ପ୍ରକ୍ରିୟାକରଣ ବିଭାଗ ସ୍ଥାପନ କଲେ, ଯାହା ବେତନ ତାଲିକା ପ୍ରସ୍ତୁତି, ଆର୍ଥିକ ହିସାବ ପ୍ରସ୍ତୁତି ଏବଂ ସାମଗ୍ରୀ ନିୟନ୍ତ୍ରଣ ସମ୍ବନ୍ଧୀୟ ବିବରଣୀ ପ୍ରସ୍ତୁତି ପରି ତଥ୍ୟ ପ୍ରକ୍ରିୟାକରଣ ସେବା ପ୍ରଦାନ କରୁଥିଲା।

ପରବର୍ତ୍ତୀକାଳରେ ଦେଶୀୟ ଭାବରେ ନିର୍ମିତ କମ୍ପ୍ୟୁଟର ଉପଲବ୍ଧ ହେବା କାରଣରୁ ଦ୍ୱିତୀୟ ଉତ୍ତରଦାତାଙ୍କ ତଥ୍ୟ ପ୍ରକ୍ରିୟାକରଣ ବିଭାଗର ସେବା ପ୍ରତି ଆବଶ୍ୟକତା କମିଗଲା ଏବଂ 1989 ମସିହାରେ ଉକ୍ତ ବିଭାଗ ଅକାର୍ଯ୍ୟକାରୀ ହୋଇପଡ଼ିଲା । ଏହି କାରଣରୁ ଦ୍ୱିତୀୟ ଉତ୍ତରଦାତା ଉକ୍ତ ବିଭାଗକୁ ବନ୍ଦ କରିବାକୁ ବାଧ୍ୟ ହେଲେ।

4.1.1989 ତାରିଖ ପର୍ଯ୍ୟନ୍ତ ତଥ୍ୟ ପ୍ରକ୍ରିୟାକରଣ ବିଭାଗରେ 46 ଜଣ ବ୍ୟକ୍ତି କାର୍ଯ୍ୟରତ ଥିଲେ ଏବଂ ସେମାନଙ୍କୁ ଏହି ସଂସ୍ଥାକୁ ବନ୍ଦ କରିବାର ସିଦ୍ଧାନ୍ତ ବିଷୟରେ ଜଣାଇ ଦିଆଯାଇଥିଲା । 30.1.1989 ତାରିଖରେ ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 25ଏଫ ଏଫ ଏ ଅନୁସାରେ ରାଜ୍ୟ ସରକାରଙ୍କୁ ଏକ ସୂଚନା ପ୍ରେରଣ କରାଯାଇଥିଲା, ଯାହା ମାଧ୍ୟମରେ ସରକାରଙ୍କୁ ଜଣାଇ ଦିଆଯାଇଥିଲା ଯେ 3.4.1989 ତାରିଖରୁ ତଥ୍ୟ ପ୍ରକ୍ରିୟାକରଣ କାର୍ଯ୍ୟକଳାପ ବନ୍ଦ କରାଯିବ।

ସଂସ୍ଥା ବନ୍ଦ ହେବା କାରଣରୁ ତଥ୍ୟ ପ୍ରକ୍ରିୟାକରଣ ବିଭାଗରେ କାର୍ଯ୍ୟରତ ଶ୍ରମିକମାନଙ୍କ ସେବା ସମାପ୍ତ କରାଯାଇଥିଲା ଏବଂ 1989 ମସିହାର ଅକ୍ଟୋବର ମାସ ପର୍ଯ୍ୟନ୍ତ ଦ୍ୱିତୀୟ ଉତ୍ତରଦାତାଙ୍କ ସଫ୍ଟୱେର ବିଭାଗ ମଧ୍ୟ ବନ୍ଦ କରାଯାଇଥିଲା । ଏହାର ପରିଣାମରେ 71 ଜଣ ଶ୍ରମିକଙ୍କ ସେବା ଶିଳ୍ପ ବିବାଦ ଅଧିନିୟମ ର ବ୍ୟବସ୍ଥା ଅନୁଯାୟୀ ବନ୍ଦ ସମ୍ବନ୍ଧୀୟ କ୍ଷତିପୂରଣ ପ୍ରଦାନ କରି ସମାପ୍ତ କରାଯାଇଥିଲା ।

ବିବାଦ ଉଦ୍ଭବ ହୋଇଥିଲା ଏବଂ ଏହାକୁ ଶ୍ରମ ନ୍ୟାୟାଳୟଙ୍କ ନିକଟକୁ ପ୍ରେରଣ କରାଯାଇଥିଲା ଯେ, ତଥ୍ୟ ପ୍ରକ୍ରିୟାକରଣ ବିଭାଗ ବନ୍ଦ କରାଯାଇବା ଫଳରେ ଆବେଦନକାରୀମାନେ ବେକାର ହୋଇଯିବା ନ୍ୟାୟସଙ୍ଗତ କି ନୁହେଁ । ଶ୍ରମ ନ୍ୟାୟାଳୟ ସମ୍ମୁଖରେ ନିମ୍ନଲିଖିତ ତିନୋଟି ପ୍ରଶ୍ନ ଉଠାଯାଇଥିଲା, ଯଥା :

(i) ଦ୍ୱିତୀୟ ଉତ୍ତରଦାତାଙ୍କ ସଂସ୍ଥା କାରଖାନା କି ନୁହେଁ;

(ii) ସଂସ୍ଥା ବନ୍ଦ ହେବାର ତାରିଖରେ ଦ୍ୱିତୀୟ ଉତ୍ତରଦାତାଙ୍କ ସଂସ୍ଥାରେ 100 ରୁ ଅଧିକ ଶ୍ରମିକ କାର୍ଯ୍ୟରତ ଥିଲେ କି ନୁହେଁ ଏବଂ ସଂସ୍ଥା ବନ୍ଦ ପାଇଁ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ସୁରକ୍ଷା କିମ୍ବା ଅନୁମତି ଆବଶ୍ୟକ ଥିଲା କି ନୁହେଁ; ଏବଂ

(iii) ଶ୍ରମିକମାନେ କେମିତି ପ୍ରକାରର ସହାୟତା କିମ୍ବା ପ୍ରତିକାର ପାଇବାର ଅଧିକାରୀ ।

ଶ୍ରମ ନ୍ୟାୟାଳୟ ସମ୍ମୁଖରେ ଦ୍ୱିତୀୟ ଉତ୍ତରଦାତାଙ୍କ ପକ୍ଷରୁ ଏହା ଯୁକ୍ତି ଦିଆଯାଇଥିଲା ଯେ ସେମାନେ ସଫ୍ଟୱେର ତିଆରି କରି ପରେ ତାହା ବିକ୍ରୟ କରନ୍ତି ଏବଂ ତେଣୁ ଶିଳ୍ପ ବିବାଦ ଅଧିନିୟମର ଧାରା 25L ଅନୁସାରେ ଏହାକୁ ସଂସ୍ଥା ବୋଲି ଧରାଯାଇପାରେ ନାହିଁ, ତଥା କାରଖାନା ଅଧିନିୟମ, 1948 ର ଧାରା 2 (m) ଅନୁସାରେ ମଧ୍ୟ ଏହାକୁ କାରଖାନା ବୋଲି ଧରାଯିବ ନାହିଁ । ଏହି କାରଣରୁ ଶ୍ରମ ନ୍ୟାୟାଳୟକୁ ପ୍ରେରିତ ବିବାଦ ଶିଳ୍ପ ବିବାଦ ଅଧିନିୟମର ଧାରା 2 (a) ଅନୁସାରେ ଏକ ଶିଳ୍ପ ବିବାଦ ଭାବେ ଗଣ୍ୟ ହେବ ନାହିଁ ବୋଲି ଯୁକ୍ତି ଦିଆଯାଇଥିଲା । ଶ୍ରମ ନ୍ୟାୟାଳୟ ଦ୍ୱିତୀୟ ଉତ୍ତରଦାତାଙ୍କ ଉପସ୍ଥାପିତ ଆପତ୍ତିଗୁଡ଼ିକୁ ଅସ୍ୱୀକାର କରି ଧାରଣ କଲା ଯେ ଶିଳ୍ପ ବିବାଦ ଅଧିନିୟମ ଦ୍ୱିତୀୟ ଉତ୍ତରଦାତାଙ୍କ ସଂସ୍ଥାରେ ପ୍ରୟୋଗ ହୁଏ ଏବଂ ଶ୍ରମିକମାନଙ୍କୁ ପୂର୍ବବତ୍ ନିଯୁକ୍ତିରେ ପୁନଃସ୍ଥାପନ ସହିତ ପୂର୍ବବକେୟା ଦରମା ଦେବାକୁ ନିର୍ଦ୍ଦେଶ ଦେଲେ । ଶ୍ରମ ନ୍ୟାୟାଳୟ ଏହି ଯୁକ୍ତିକୁ ମଧ୍ୟ ଅସ୍ୱୀକାର କଲେ ଯେ ଦ୍ୱିତୀୟ ଉତ୍ତରଦାତା କାରଖାନା ନୁହେଁ । ଏହା ଧାରଣ କଲେ ଯେ ଶ୍ରମିକମାନଙ୍କ ସେବା ସମାପ୍ତ ସମୟରେ ଦ୍ୱିତୀୟ ଉତ୍ତରଦାତାଙ୍କ ସଂସ୍ଥାରେ 100 ରୁ ଅଧିକ ବ୍ୟକ୍ତି କାର୍ଯ୍ୟରତ ଥିଲେ ଏବଂ ତେଣୁ ଶିଳ୍ପ ବିବାଦ ଅଧିନିୟମର ଅଧ୍ୟାୟ V-B ର ବ୍ୟବସ୍ଥାଗୁଡ଼ିକ ପାଳନ କରିବା ଆବଶ୍ୟକ ଥିଲା। ଧାରା 25-O ଅନୁସାରେ ରାଜ୍ୟ ସରକାରଙ୍କ ପୂର୍ବ ଅନୁମତି ଗ୍ରହଣ କରାଯାଇନଥିବାରୁ ବନ୍ଦ କରାଯିବାକୁ ଅନ୍ୟାୟସଙ୍ଗତ ବୋଲି ଧାରଣ କରାଯାଇଥିଲା। ଏହା ସହ ଏହି ମତ ଦିଆଯାଇଥିଲା ଯେ ପ୍ରଥମ ଉତ୍ତରଦାତା ଓ ଦ୍ୱିତୀୟ ଉତ୍ତରଦାତାଙ୍କ ସଂସ୍ଥାଗୁଡ଼ିକ ପରସ୍ପର ସଂପୃକ୍ତ, କାରଣ ସେମାନେ ଏକେ ଗୋଷ୍ଠୀର କମ୍ପାନୀ ଅଟନ୍ତି।

ଶ୍ରମ ନ୍ୟାୟାଳୟଙ୍କ ରାୟ ବିରୋଧରେ ଦାଖଲ ହୋଇଥିବା ଏକ ଆଜ୍ଞାଦେଶ ଆବେଦନକୁ ଉଚ୍ଚ ନ୍ୟାୟାଳୟର ଏକକ ବିଚାରପତି ମଞ୍ଜୁର କରି ଶ୍ରମ ନ୍ୟାୟାଳୟଙ୍କ ରାୟକୁ ବାତିଲ କରିଦେଲେ। ଏକକ ବିଚାରପତି ଧାରଣ କଲେ ଯେ ଯେଉଁ ସଂସ୍ଥା କେବଳ ଇଲେକ୍ଟ୍ରୋନିକ ତଥ୍ୟ ପ୍ରକ୍ରିୟାକରଣ ଏକକ କିମ୍ବା କମ୍ପ୍ୟୁଟର ଏକକ ଭାବେ କାର୍ଯ୍ୟରତ, ସେହିଥି ଯଦିଓ କାରଖାନା ହୋଇପାରେ, କିନ୍ତୁ ବ୍ୟାଖ୍ୟା II ଅନୁସାରେ ଶ୍ରମ ଆଇନର ପ୍ରୟୋଗରୁ ବାଦ୍ ହେବ ଏବଂ ଏହିପରି ସଂସ୍ଥାକୁ କାରଖାନା ବୋଲି ଧରାଯିବ ନାହିଁ।

ଆଜ୍ଞାଦେଶ ଆବେଦନ ବିରୋଧରେ ଦାଖଲ ହୋଇଥିବା ଆବେଦନରେ ଦୁଇଜଣିଆ ଖଣ୍ଡପୀଠ ଧାରଣ କଲେ ଯେ କୌଣସି ପରିସର କିମ୍ବା ତାହାର ଅଂଶରେ ସ୍ଥାପିତ ଇଲେକ୍ଟ୍ରୋନିକ ତଥ୍ୟ ପ୍ରକ୍ରିୟାକରଣ ଏକକ କିମ୍ବା କମ୍ପ୍ୟୁଟର ଏକକ ଏବଂ ଏହା ସମ୍ବନ୍ଧୀୟ କାର୍ଯ୍ୟକଳାପ ଯଦିଓ ଉତ୍ପାଦନ ପ୍ରକ୍ରିୟା ଭାବେ ଗଣ୍ୟ ହୋଇପାରେ ଏବଂ କାରଖାନା ଅଧିନିୟମର ଧାରା 2 (m) ଅନୁସାରେ "କାରଖାନା" ଶବ୍ଦର ପରିସରରେ ଆସିପାରେ, ତଥାପି ବ୍ୟାଖ୍ୟା II ଦ୍ୱାରା ଏହା ସେହି ସୀମାରୁ ବାହାରିଯିବ। ଏହି ବ୍ୟାଖ୍ୟା ଦ୍ୱାରା ଇଲେକ୍ଟ୍ରୋନିକ ତଥ୍ୟ ପ୍ରକ୍ରିୟାକରଣ କିମ୍ବା କମ୍ପ୍ୟୁଟର ଏକକକୁ କଲ୍ୟାଣମୂଳକ ଆଇନ, ଅର୍ଥାତ୍ ଶ୍ରମ ଆଇନଗୁଡ଼ିକର ପ୍ରୟୋଗରୁ ବାଦ୍ ଦିଆଯାଇଛି । ଉଚ୍ଚ ନ୍ୟାୟାଳୟର ମତାନୁସାରେ ଅଧିନିୟମରେ ବ୍ୟାଖ୍ୟା II ସମ୍ମିଳିତ କରାଯିବାର ଉଦ୍ଦେଶ୍ୟ ହେଉଛି ଶିଳ୍ପ କ୍ଷେତ୍ରର ଆଧୁନିକୀକରଣ ଏବଂ ଇଲେକ୍ଟ୍ରୋନିକ ନବୀନତା ସହିତ ସମନ୍ୱୟ ରଖିବା। ଏହି ଦୃଷ୍ଟିକୋଣରୁ ଉଚ୍ଚ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନକୁ ଖାରଜ କରିଦେଲା । ଏହିପରିସ୍ଥିତିରେ ବର୍ତ୍ତମାନ ଏହି ଆବେଦନ ଦାଖଲ ହୋଇଛି।

"(କ) 'ଉତ୍ପାଦନ ପ୍ରକ୍ରିୟା' ବୋଲି କୁହାଯାଏ ଯେକୌଣସି ପ୍ରକ୍ରିୟାକୁ, ଯାହା —

(i) କୌଣସି ବସ୍ତୁ କିମ୍ବା ପଦାର୍ଥକୁ ତାହାର ବ୍ୟବହାର, ବିକ୍ରୟ, ପରିବହନ, ଯୋଗାଣ କିମ୍ବା ବଣ୍ଟନ ପାଇଁ ତିଆରି କରିବା, ପରିବର୍ତ୍ତନ କରିବା, ମରାମତି କରିବା, ଅଳଙ୍କାର କରିବା, ସମ୍ପୂର୍ଣ୍ଣ କରିବା, ପ୍ୟାକ୍ କରିବା, ତେଲ ଦେବା, ଧୋଇବା, ପରିଷ୍କାର କରିବା, ଭାଙ୍ଗିବା, ଧ୍ୱଂସ କରିବା କିମ୍ବା ଅନ୍ୟ କୌଣସି ଉପାୟରେ ପ୍ରକ୍ରିୟାକରଣ କିମ୍ବା ଅନୁକୂଳ କରିବା; କିମ୍ବା

(ii) ତେଲ, ପାଣି, ମଳନିଷ୍କାସନ କିମ୍ବା ଅନ୍ୟ କୌଣସି ପଦାର୍ଥ ପମ୍ପ କରିବା; କିମ୍ବା

(iii) ଶକ୍ତି ଉତ୍ପାଦନ, ପରିବର୍ତ୍ତନ କିମ୍ବା ସଂଚାର କରିବା; କିମ୍ବା

(iv) ମୁଦ୍ରଣ ପାଇଁ ଟାଇପ୍ ସଜାଇବା, ଲେଟର୍ ପ୍ରେସ୍, ଲିଥୋଗ୍ରାଫି, ଫଟୋଗ୍ରାଭ୍ୟୁର୍ କିମ୍ବା ସମାନ ପ୍ରକ୍ରିୟାରେ ମୁଦ୍ରଣ କରିବା କିମ୍ବା ପୁସ୍ତକ ବାନ୍ଧିବା; କିମ୍ବା

(v) ଜାହାଜ କିମ୍ବା ନୌକା ନିର୍ମାଣ, ପୁନଃନିର୍ମାଣ, ମରାମତି, ପୁନଃସଜ୍ଜା, ସମ୍ପୂର୍ଣ୍ଣ କରିବା କିମ୍ବା ଭାଙ୍ଗିବା; କିମ୍ବା

(vi) କୌଣସି ବସ୍ତୁକୁ ଶୀତ ଗୋଦାମରେ ସଂରକ୍ଷଣ କିମ୍ବା ସଞ୍ଚୟ କରିବା।"

ତଥ୍ୟ ପ୍ରକ୍ରିୟାକରଣ କିମ୍ବା ସଫ୍ଟୱେର ପ୍ରସ୍ତୁତି ଏକ ଉତ୍ପାଦନ ପ୍ରକ୍ରିୟା ଅଟେ କି ନୁହେଁ ବୁଝିବା ପାଇଁ ପ୍ରଥମେ ସଫ୍ଟୱେରର ଆଇନଗତ ସ୍ୱରୂପ ବୁଝିବା ଆବଶ୍ୟକ, ଯାହା କମ୍ପ୍ୟୁଟର ଆଇନରେ ସ୍ପଷ୍ଟ ଭାବେ ପରିଭାଷିତ ନୁହେଁ। କମ୍ପ୍ୟୁଟର ସଫ୍ଟୱେର ବୋଲି ସେହି ପ୍ରୋଗ୍ରାମଗୁଡ଼ିକୁ କୁହାଯାଏ ଯେଉଁଗୁଡ଼ିକ କମ୍ପ୍ୟୁଟରକୁ ନିର୍ଦ୍ଦିଷ୍ଟ ପ୍ରକାରରେ କାମ କରିବାକୁ ପ୍ରେରିତ କରେ। କମ୍ପ୍ୟୁଟର ପ୍ରଣାଳୀର ଅନ୍ୟାନ୍ୟ ହାର୍ଡୱେର ଅଂଶ ଯଥା

ମାନୁଆଲ୍‌ଗୁଡ଼ିକୁ ମଧ୍ୟ କେବେ କେବେ ସଫ୍ଟୱେର ଭାବେ ଗଣାଯାଏ। ବ୍ୟବସାୟିକ ଭାବରେ ଷ୍ଟାଣ୍ଡାର୍ଡ ପ୍ୟାକେଜ୍ ସଫ୍ଟୱେର ଏବଂ କଷ୍ଟମ୍-ବିଲ୍ଟ ସଫ୍ଟୱେର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭେଦ କରାଯାଏ। ପ୍ରଥମଟି ବହୁ ସଂଖ୍ୟକ ବ୍ୟବହାରକାରୀଙ୍କ ଆବଶ୍ୟକତା ପୂରଣ ପାଇଁ ଏକ ମାନକ ପଣ୍ୟ ଭାବେ ବଜାରରେ ଉପଲବ୍ଧ କରାଯାଏ, ଯେତେବେଳେ ଦ୍ୱିତୀୟଟି ବ୍ୟବହାରକାରୀଙ୍କ ବିଶେଷ ଆବଶ୍ୟକତା ପୂରଣ ପାଇଁ ତିଆରି କରାଯାଏ। ଏକ ମିଶ୍ର ରୂପର ସଫ୍ଟୱେର ମଧ୍ୟ ରହିଛି, ଯେଉଁଠାରେ ଷ୍ଟାଣ୍ଡାର୍ଡ ପ୍ୟାକେଜ୍‌କୁ ପରିବର୍ତ୍ତନ କରି ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ଅଧିକ ସୁଯୋଗସୁବିଧା ଯୋଗାଇବା ପାଇଁ କଷ୍ଟମାଇଜେସନ୍ ପ୍ରକ୍ରିୟା ଅନୁସରଣ କରାଯାଏ । ପ୍ରାଯୁକ୍ତିକ ଭାବରେ ମଧ୍ୟ ସିଷ୍ଟମ୍ ସଫ୍ଟୱେର ଏବଂ ଆପ୍ଲିକେସନ୍ ସଫ୍ଟୱେର ମଧ୍ୟରେ ପ୍ରଭେଦ କରାଯାଏ । ସିଷ୍ଟମ୍ ସଫ୍ଟୱେର ହାର୍ଡୱେର କିପରି କାମ କରିବ ତାହାକୁ ସଂଗଠିତ କରେ, ଯେତେବେଳେ ଆପ୍ଲିକେସନ୍ ସଫ୍ଟୱେର କମ୍ପ୍ୟୁଟର ପ୍ରଣାଳୀର ବ୍ୟବହାରକାରୀଙ୍କ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରେ। ସଫ୍ଟୱେରରେ ସେହି ନିର୍ଦ୍ଦେଶଗୁଡ଼ିକ ଥାଏ ଯେଉଁଗୁଡ଼ିକ ହାର୍ଡୱେରକୁ ନିର୍ଦ୍ଦିଷ୍ଟ ପ୍ରକାରରେ କାମ କରିବାକୁ ପ୍ରେରିତ କରେ, ଯଥା କୌଣସି କାର୍ଯ୍ୟାଳୟର ବେତନ ତାଲିକା ପ୍ରକ୍ରିୟାକରଣ । ଏହି ଦୃଷ୍ଟିକୋଣରୁ ସଫ୍ଟୱେର ଅଦୃଶ୍ୟ ସ୍ୱରୂପର ହୋଇଥାଏ ଏବଂ ଆଇନଗତ ଭାବରେ ଏହାକୁ ଶ୍ରେଣୀବଦ୍ଧ କରିବା କଷ୍ଟକର। ଏହା ଶୁଦ୍ଧ ସୂଚନା ଭାବେ ପ୍ରତିତ ହୁଏ ଏବଂ ଏହାର କୌଣସି ଭୌତିକ ଆକାର ନଥାଏ, କେବଳ ଟେପ୍ କିମ୍ବା ଡିସ୍କରେ ମାଗ୍ନେଟିକ୍ ଚିହ୍ନର ଆକାରରେ ରହିଥାଏ। ଯେତେବେଳେ ସୂଚନାକୁ ପଣ୍ୟ ବୋଲି ଧରାଯାଏ ନାହିଁ, ସେହି ଯୁକ୍ତିରୁ ସଫ୍ଟୱେରକୁ ମଧ୍ୟ ପଣ୍ୟ ବୋଲି ଧରାଯିବ ନାହିଁ ବୋଲି ଭାବି ପାରିବ। କିନ୍ତୁ ଏହି ଧାରଣା ତ୍ରୁଟିପୂର୍ଣ୍ଣ, କାରଣ ଏହା ସଫ୍ଟୱେର ଏବଂ ଯେ ମାଧ୍ୟମ ଉପରେ ସଫ୍ଟୱେର ଯୋଗାଯାଏ ସେଥିରେ ଅନାବଶ୍ୟକ ଭିନ୍ନତା ସୃଷ୍ଟି କରେ।

ଦେୱାନୀ ଆବେଦନ ସଂଖ୍ୟା 2582/1998 — *ଟାଟା କନସଲ୍ଟେନ୍ସି ସର୍ଭିସେସ ବନାମ ଆନ୍ଧ୍ର ପ୍ରଦେଶ ରାଜ୍ୟ*, ଯାହା 13 ମାର୍ଚ୍ଚ 2001 ତାରିଖରେ ନିଷ୍ପତ୍ତି ହୋଇଥିଲା, ସେଥିରେ ଆମେ ଏହି ପ୍ରଶ୍ନର ବିଭିନ୍ନ ପ୍ରାସଙ୍ଗିକ ପ୍ରସଙ୍ଗ ଉପରେ ହୋଇଥିବା ଚର୍ଚ୍ଚାକୁ ଲକ୍ଷ୍ୟ କରିଥିଲୁ ଏବଂ ବହୁ ସଂଖ୍ୟକ ରାୟକୁ ଧ୍ୟାନରେ ରଖି ଏହି ବିଷୟକୁ ବିଚାର ପାଇଁ ବୃହତ ଖଣ୍ଡପୀଠ ନିକଟକୁ ପ୍ରେରଣ କରିଥିଲୁ।

ସମାନ କାରଣରୁ ଆମେ ମନେ କରୁଛୁ ଯେ ଏହି ବିଷୟକୁ ମଧ୍ୟ ବୃହତ ଖଣ୍ଡପୀଠ ନିକଟକୁ ପ୍ରେରଣ କରାଯିବା ଉଚିତ।

ଏହାନୁସାରେ ଆଦେଶ ଦିଆଯାଉଛି।

ଟି.ଏନ୍.ଏ. ମାମଲା ବୃହତ ଖଣ୍ଡପୀଠ କୁ ପ୍ରେରଣ କରାଗଲା।

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।